# ଡ଼ାଃ ଶ୍ୟାମା ପ୍ରସାଦ ମହାବିଦ୍ୟାଳୟ ଛାତରୁ ଗଳୁଛି ପାଣି; ଶିକ୍ଷାଦାନ ବାଧାପ୍ରାପ୍ତ



ମାଲକାନଗିରି, ୨୩/୭(ଶ୍ରୁ.ମି.) : ମାଲକାନଗିରି ଜିଲ୍ଲା ଏମଭି-୭୯ ସ୍ଥିତ ଡ଼ାଃ ଶ୍ୟାମା ପ୍ରସାଦ ସ୍ନାତକ ମହାବିଦ୍ୟାଳୟ ଛାତରୁ ପାଣି ଗଳୁଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାହତ ହୋଇଛି । ୨୦୧୦ ମସିହାରେ ଏହି ମହାବିଦ୍ୟାଳୟ ସ୍ଥାପିତ ହୋଇଥିବାବେଳେ ୨୦୧୪ ମସିହାରେ ଏହା ସରକାରୀ ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା । ପ୍ରତି ବର୍ଷ ବର୍ଷା ଦିନ ଆସିଲେ ଛାତ୍ରଛାତ୍ରୀଙ୍କ ଦୁଃଖ ବଢ଼ିଯାଏ । ଶ୍ରେଣୀ କୋଠରୀ ଛାତରୁ ପାଣି ଗଳୁଥିବାରୁ ସବୁ ଛାତ୍ରଛାତ୍ରୀ ଶ୍ରେଣୀଗୃହରେ ବସିବା ସମ୍ଭବ ହେଉନାହିଁ । ଫଳରେ ଅଧିକାଂଶ କ୍ଲାସ ବାତିଲ ହୋଇଯାଉଥିବା କହିଛନ୍ତି ଛାତ୍ରଛାତ୍ରୀ । ପୂର୍ବରୁ ବହୁବାର ଏ ସମସ୍ୟା ନେଇ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହି ମହାବିଦ୍ୟାଳୟରେ କାଲିମେଲା ଏବଂ ପଡ଼ିଆ ବ୍ଲକର ବହୁ ଆଦିବାସୀ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ପୂର୍ବରୁ ଛାତରୁ ପାଣି ଗଳୁଥିବା ବେଳେ ଲଗାଣ ବର୍ଷା ଯୋଗୁଁ ବର୍ତ୍ତମାନ ପରିସ୍ଥିତି ଅଧିକ ସଙ୍ଗୀନ ହୋଇପଡ଼ିଛି । ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

# ରୋଜଗାର ଓ ସ୍ୱରୋଜଗାର ପାଇଁ ଅଭୁତପୂର୍ବ ସୁଯୋଗ ଆଣିଛି ଚଳିତ ବଜେଟ: ମନମୋହନ ସାମଲ

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଲେ ରାଜ୍ୟ ସଭାପତି

ଭୁବନେଶ୍ୱର, ୨୩/୦୭(ଶ୍ରୁ.ମି.) : ସାଧାରଣ ନିର୍ବାଚନ ଦୃଷ୍ଟିକୋଣରୁ ଗତ ଫେବୃଆରୀ ୧ ତାରିଖ ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀଥାରମଣ ଏକ ମଧ୍ୟବିତକାଳିନ ବଜେଟ-୨୦୨୪ ଉପସ୍ଥାପିତ କରିଥିଲେ, ଯାହାକି ଏକ ସର୍ବସମାବେଶୀ ଓ ସୃଜନଶୀଳ ବଜେଟ୍ ଥିଲା । ନିର୍ବାଚନ ପରେ ତୃତୀୟ ଥର ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ ହେବା ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ସୀଥାରମଣ ଆଜି ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ କରିଛନ୍ତି । ବିଗତ ୧୦ବର୍ଷ ଭିତରେ ବିକଶିତ ଭାରତର ସ୍ୱପ୍ନକୁ ଆଖି ଆଗରେ ରଖି ଓ ୨୦୪୭ ମସିହା ସୁଦ୍ଧା ଧାର୍ଯ୍ୟ



ଲକ୍ଷ୍ୟ ପୂରଣ ପାଇଁ ଉପସ୍ଥାପିତ ହୋଇଥିବା ଏହି ବଜେଟ୍ ନିଶ୍ଚିତ ଭାବେ ସହାୟକ ହେବ । ଆଜି ଆଗତ ହୋଇଥିବା ବଜେଟ୍ ସମାଜର ସବୁ ବର୍ଗକୁ ସଶକ୍ତ କରିବାରେ ସହାୟକ ହେବ । ଏଥି ସହ ରୋଜଗାର ଓ ସ୍ୱରୋଜଗାର ପାଇଁ ଅଭୁତପୂର୍ବ ସୁଯୋଗ ଏହି ବଜେଟରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି । ବିଶେଷ ଭାବେ ଓଡିଶାକୁ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସହାୟତା ଦିଆଯିବାର ଚଳିତ ବଜେଟରେ ଘୋଷଣା କରାଯାଇଛି । ସେହିପରି କୃଷି, ଶକ୍ତି, ଟେକ୍ନୋଲୋଜି, ଶିଳ୍ପ, ଶିକ୍ଷା ଆଦି କ୍ଷେତ୍ରରେ ଓଡିଶା ଭଳି ରାଜ୍ୟ ସର୍ବାଧିକ ଲାଭାନ୍ୱିତ ହେବ । ବିକଶିତ ଭାରତ ଗଠନରେ ଓଡିଶାର ଭୁମିକା ନିଶ୍ଚିତ ଭାବେ ଗୁରୁତ୍ୱ ବହନ କରିବ ବୋଲି ଶ୍ରୀ ସାମଲ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

# ଦେଶର ସବୁ ବର୍ଗର ଲୋକମାନଙ୍କ ଆକାଂକ୍ଷାକୁ ପୁରଣ କରିବ କେନ୍ଦ୍ର ବଜେଟ : ସମୀର ମହାନ୍ତି

## ମୋଦିଜୀଙ୍କର ବିକଶିତ ଭାରତର ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବା ଦିଗରେ ଏହି ବଜେଟ ସଫଳ ହେବ

ଭୁବନେଶ୍ୱର, ୨୩/୦୭(ଶ୍ରୁ.ମି.) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କର ତୃତୀୟ ପାଳିର ପ୍ରଥମ ବଜେଟ ଆମ ଦେଶର ଆର୍ଥିକ ପ୍ରଗତିକୁ ଆଗେଇ ନେବା ଭଳି ଏକ କ୍ରାନ୍ତିକାରି ବଜେଟ । ସଂସଦରେ ଅର୍ଥ ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସିଥାରମଣ ଆଣିଥିବା ଏହି ବଜେଟ ସବୁ ବର୍ଗକୁ ସୁହାଇଲା ଭଳି ହୋଇଛି । ମୋଦିଜୀଙ୍କର ବିକଶିତ ଭାରତର ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବା ଦିଗରେ ଏହି ବଜେଟ ସଫଳ ହେବ ବୋଲି ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ସମୀର ମହାନ୍ତି କହିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ଦେଶରେ କୃଷି କ୍ଷେତ୍ରକୁ ଆଗ୍ରାଧୀକାର ଦେବା ସହିତ ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ, ପର୍ଯ୍ୟଟନର ବିକାଶକୁ ଏହି ବଜେଟରେ ପ୍ରାଥମିକତା ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ମନ୍ତ୍ରରେ ପ୍ରେରଣା ପାଇ ଏହି ବଜେଟ ପ୍ରସ୍ତୁତ ହୋଇଛି । ଦେଶର ସବୁ ବର୍ଗର ଲୋକମାନଙ୍କ ଆକାଂକ୍ଷାକୁ ପୁରଣ କରିବା ଦିଗରେ ଏହି ବଜେଟ ବହୁ ସହାୟକ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏଥି ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀଥାରମଣଙ୍କୁ ଶ୍ରୀ ମହାନ୍ତି ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ।



# ବିକଶିତ ଭାରତ ପାଇଁ ସର୍ବସ୍ପର୍ଶୀ ବଜେଟ : କାଳନ୍ଦି ସାମଲ

ତାଳଚେର, ୨୩/୭(ଶ୍ରୁ.ମି.) : କେନ୍ଦ୍ର ଅର୍ଥ ମନ୍ତ୍ରୀ ସଂସଦରେ ମଙ୍ଗଳବାର ବଜେଟ ଉପସ୍ଥାପନ କରିଛନ୍ତି । ବଜେଟକୁ ଦଳମତ ନିର୍ବିଶେଷରେ ସ୍ୱାଗତ



କରାଯାଇଛି । ଏହି ପରିପ୍ରେକ୍ଷୀରେ ବରିଷ୍ଠ ବିଜେପି ନେତା ତଥା ଏନଏସଆଇସି ଡାଇରେକ୍ଟର କାଳନ୍ଦି ସାମଲ ଚଳିତ ବଜେଟ ବିକଶିତ ଭାରତ ପାଇଁ ସର୍ବସ୍ପର୍ଶୀ ବୋଲି ପ୍ରକାଶ କରିଛନ୍ତି । ଶ୍ରମିକ, କୃଷକ, ମହିଳା, ଗରିବ, ମଧ୍ୟବିତ୍ତ, ଯୁବ ଛାତ୍ର, ଉଦ୍ୟୋଗୀ ସମସ୍ତଙ୍କ ପାଇଁ ଏହି ବଜେଟ ସମର୍ପିତ ବୋଲି ସେ କହିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁ କ୍ଷେତ୍ରକୁ ଗୁରୁତ୍ୱ ଦେଇଛି ଏ ବଜେଟ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନଙ୍କୁ ଧନ୍ୟବାଦ ଜଣାଇଛନ୍ତି କାଳନ୍ଦି ସାମଲ । କ୍ଷୁଦ୍ର ଶିଳ୍ପ ପାଇଁ ବିଶେଷ ଗୁରୁତ୍ୱ ଦେବା ସହ ମୁଦ୍ରା ଲୋନ ୨୦ ଲକ୍ଷକୁ ବୃଦ୍ଧି କରି ଯୁବକଙ୍କୁ ଉଦ୍ୟୋଗୀ କରିବା ପାଇଁ ପ୍ରେରିତ କରି ଦେଶରେ ଭିତ୍ତିଭୂମି ବିକାଶ ସହ ରୋଜଗାର କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବାରେ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି ।

# ଆସାମ ପ୍ରତିନିଧି ଦଳଙ୍କ ଓଡ଼ଗାଁ ବ୍ଲକ ମିଶନଶକ୍ତି କାର୍ଯ୍ୟ ପରିଦର୍ଶନ



ଓଡ଼ଗାଁ, ୨୩/୭(ଶ୍ରୁ.ମି.) : ଆସାମ ରାଜ୍ୟ ଗ୍ରାମିଣ ଜୀବନ ଓ ଜୀବିକା ମିଶନ ନିର୍ଦ୍ଦେଶିକା ଆଏ ଏସ ମାସନନ୍ଦ ପ୍ରେଟିନଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ନୟାଗଡ଼ ଜିଲ୍ଲା ଗସ୍ତରେ ଆସି ମିଶନ ଶକ୍ତି ଦ୍ୱାରା ପରିଚାଳିତ ଜିଲ୍ଲା ଡାକ୍ତରଖାନା କ୍ୟାଣ୍ଟିନ ପରିଚାଳନା ଦେଖିଥିଲେ । ପରେ ମାଛିପଡାଠାରେ ଛେନାପୋଡ଼ ଉତ୍ପାଦନ କେନ୍ଦ୍ର, ରାବରା ଠାରେ ଛତୁ ପ୍ରକ୍ରିୟାକରଣ ପ୍ଲାଣ୍ଟ, ଓଡ଼ଗାଁ ଫିଲମହଲ ଛକ ଠାରେ ଜୟ ଜଗନ୍ନାଥ ମିଶନ ଶକ୍ତି ସିଲେଇ କେନ୍ଦ୍ର ଏବଂ ମଗର ବନ୍ଧ ପୋଖରିରେ ମାଛଚାଷ ଦେଖିବା ସହିତ ମିଶନ ଶକ୍ତି ଦ୍ୱାରା ପରିଚାଳିତ ଓଡ଼ଗାଁ କାଫେରେ ମଧ୍ୟାହ୍ନ ଭୋଜନ କରି ବ୍ଲକଲେଭୁଲ ଫେଡରେସନ ସହିତ ବାର୍ତ୍ତାଳାପ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମ ମିଶନ ଶକ୍ତି ଏସ୍ ଏସଜି ମାଧ୍ୟମରେ ପରିଚାଳିତ ହୋଇଥିବା ଦେଖି ସେମାନେ ସନ୍ତୋଷ ବ୍ୟକ୍ତ କରିଥିଲେ । ଆସାମ ଆଉ ଓଡ଼ିଶା ରାଜ୍ୟ ମିଶନ ଶକ୍ତି ବିଭାଗର ତୁଳନାତ୍ମକ ସମୀକ୍ଷା କରିବାବେଳେ ଓଡ଼ିଶା ମିଶନ ଶକ୍ତି ବିଭାଗ ରାଜ୍ୟ ସରକାରଙ୍କ ଅନ୍ୟ ବିଭାଗ ସଂଯୋଗୀକରଣ ଓ ସହଯୋଗରେ ଏସ ଏସଜି ମା' ମାନଙ୍କ ପାଇଁ କର୍ମ ସଂସ୍ଥାନ ଯୋଗାଇବା ସମ୍ପର୍କିତ କାର୍ଯ୍ୟ ଦେଖି ବହୁ ମାତ୍ରାରେ ପ୍ରଭାବିତ ହେବା ସହିତ ଅନୁରୂପ ଭାବେ ଆସାମ ରାଜ୍ୟରେ ଏହାର ପ୍ରୟୋଗ ପାଇଁ ଇଚ୍ଛା ବ୍ୟକ୍ତ କରିଥିଲେ । ପ୍ରତିନିଧି ମଣ୍ଡଳରେ ଆସାମ ରାଜ୍ୟ ଏଣ୍ଟର ପ୍ରାଇଜ ପ୍ରକଳ୍ପ ସଂଯୋଜକ ଇନ୍ଦ୍ରଜିତ ଦାସ, ନନଫାର୍ମ ରାଜ୍ୟ ସଂଯୋଜକ ପଲ୍ଲବ ଗୋସ୍ୱାମୀ, ଭିସି ଏଫ୍ ଏଲ ରାଜ୍ୟ ସଂଯୋଜକ ଡ. ଦିପୀକା ପେବୁ, ଜୀବନ ଜୀବିକା ମିଶନ ପରିଚାଳକ କଳଦିପ୍ କାଲଠିଆ ୫ ଜଣିଆ ପ୍ରତିନିଧି ଦଳରେ ଆସିଥିବାବେଳେ ଓଡ଼ିଶା ରାଜ୍ୟ ଅନୁଷ୍ଠାନ ବିକାଶ ଓ ପ୍ରଶିକ୍ଷକ ସୌମ୍ୟରଞ୍ଜନ ସ୍ୱାଇଁ, ପ୍ରକଳ୍ପ ପରିଚାଳକ ଅଲିଭା ରାଉତ, ଓଡ଼ଗାଁ ବ୍ଲକ ପ୍ରକଳ୍ପ ପରିଚାଳିକା ଆରତୀ ମହାପାତ୍ର, ସଂଯୋଜକ ପ୍ରକାଶ ଚନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ସ୍ୱଚ୍ଛ ସାଥୀ ଓ ସୁପରଭାଇଜର୍ ସଂଘ ପକ୍ଷରୁ ଭଦ୍ରକ ଡିଆର୍‌ଡିଏ ଅଫିସ ଆଗରେ ବିକ୍ଷୋଭ

ଭଦ୍ରକ, ୨୩।୭(ଶ୍ରୁ.ମି.) : ବିଭିନ୍ନ ପୌରପାଳିକା, ମହାନଗର ନିଗମ, ବିଜ୍ଞାପିତ ଅଂଚଳ ପରିଷଦମାନଙ୍କରେ ନିୟୋଜିତ ସ୍ୱଚ୍ଛ ସାଥୀ ଓ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବର୍ଦ୍ଧିତ ଦରମା ସମେତ ଅନ୍ୟାନ୍ୟ ଦାବୀ ପୂରଣ ନେଇ ଆଜି ଭଦ୍ରକ ଡିଆର୍‌ଡିଏ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଆଜି ପୂର୍ବାହ୍ଣରେ ଭଦ୍ରକ ପୌରପାଳିକା, ବାସୁଦେବପୁର ପୌରପାଳିକା, ଚାନ୍ଦବାଲି ଏନ୍‌ଏସି, ଧାମନଗର ଏନ୍‌ଏସିର ସ୍ୱଚ୍ଛ ସାଥୀ ଓ ସୁପରଭାଇଜରମାନେ ସେମାନଙ୍କ ଦାବୀ ନେଇ ଏକତ୍ରିତ ହୋଇ ଧାରଣାରେ ବସିଥିଲେ । ଦାବୀ ଗୁଡ଼ିକ ମଧ୍ୟରେ ସରକାରଙ୍କ ନଗର ଉନ୍ନୟନ ବିଭାଗର ଚିଠି ସଂଖ୍ୟା ୫୯୯୩/ଏଚୟୁଡି/୧୨.୩.୨୦୨୪, ଚିଠି ସଂଖ୍ୟା ୬୦୦୩/ଏଚୟୁଡି/୧୨.୦୩.୨୦୨୪, ଚିଠି ସଂଖ୍ୟା ୭୦୮୬୨୧.୩.୨୪ ଅନୁଯାୟୀ ଘୋଷିତ ବର୍ଦ୍ଧିତ ଦରମା ସ୍ୱଚ୍ଛସାଥୀଙ୍କର ୪ ହଜାରରୁ ୮ ହଜାର ଓ ସୁପରଭାଇଜରମାନଙ୍କର ୮ ହଜାରରୁ ୧୨ ହଜାର ଟଙ୍କା ବିନା ସର୍ତରେ ନିର୍ଦ୍ଦେଶନାମା ଜାରି ହେବାଠାରୁ ପ୍ରଦାନ କରିବା, ବିନା କୌଣସି ଟାଳଟୁଳ ନୀତିରେ ଚିଠି ସଂଖ୍ୟା ୯୪୨୯/ଏଚୟୁଡି/୩୦.୪.୨୪ ଅନୁଯାୟୀ ଜାରୀ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା, କାର୍ଯ୍ୟରତ ସମସ୍ତ ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କୁ ନିୟମିତ ନିଯୁକ୍ତି ସହିତ ନିଯୁକ୍ତି ପତ୍ର ପ୍ରଦାନ, ଶ୍ରମ ଆଇନ ଅନୁଯାୟୀ କେନ୍ଦ୍ରୀୟ ପ୍ରକଳ୍ପ ଅଥବା ରାଜ୍ୟ ପ୍ରକଳ୍ପ ଆଧାରରେ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀ ପ୍ରଦାନ, ସରକାରୀ କର୍ମଚାରୀଙ୍କ ପରି ସରକାରୀ ଛୁଟି ପ୍ରଦାନ, ୟୁଜର୍ସ ଫି ସଂଗ୍ରହ ବେଳେ ଦୁର୍ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଇପିଏଫ୍ ଓ ଇଏସ୍‌ଆଇର ସୁବିଧା ପ୍ରଦାନ, ପ୍ରସବକାଳୀନ ଛୁଟି ଆଦି ୧୦ ଦଫା ଦାବୀ ନେଇ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣାରେ ବସି ରହିଥିଲେ । ଏହି ଧାରଣାରେ ସ୍ୱାଗତିକା ପରିଡ଼ା, ଚିନ୍ମୟୀ ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ରାୟ, ତରନୁମ୍ ପରୱିନ, ସୁପ୍ରିୟା ସାହୁ, ସଂଘମିତ୍ରା ଜେନା, ସଂଜିତା ଦାସ, ସନ୍ତୋଷୀ ଲେଙ୍କା, ନର୍ଗିସ୍ ଜାହାଁ, ମନୋରମା ମାଝୀ, ଗୌରୀଲତା ମହାନ୍ତି, ସସ୍ମିତା ମହାପାତ୍ର, ମର୍ଜିନା ବାନୋ, ଶିବାନୀ ରାଉଳ, ଝରଣା ଜେନା, ରଞ୍ଜୁଲତା ଷେଣ୍ଡେ, ରଶ୍ମିତା ନାୟକ, ବର୍ଷା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।



# ଭଦ୍ରକ ପୌରପାଳିକାର ୨୫ ନଂ ୱାର୍ଡ : ଅମନନଗର-ଭୂୟାଁମହଲା ରାସ୍ତାରୁ ଜବରଦଖଲ ହଟାଇବାକୁ ଦାବି

ଭଦ୍ରକ, ୨୩।୭(ଶ୍ରୁ.ମି.) : ଭଦ୍ରକ ସହରାଂଚଳ ର ୨୫ ନମ୍ବର ୱାର୍ଡ ଅନ୍ତର୍ଗତ ଅମନନଗର ବାସିନ୍ଦା ଗ୍ରାମ୍ୟରାସ୍ତାରୁ ଜବରଦଖଲ ହଟାଇବା ଲାଗି ପ୍ରଶାସନକୁ ବାରମ୍ବାର ଅଭିଯୋଗ କରୁଥିଲେ ବି ତାହା ଫଳପ୍ରଦ ହେଉନାହିଁ । ଅମନନଗରରୁ ଭୂୟାଁ ମହଲା ଯାଏଁ ସରକାରୀ ରାସ୍ତା ରହିଛି । ଉକ୍ତ ରାସ୍ତାକୁ କେତେକ ବ୍ୟକ୍ତି ଜବରଦଖଲ କରିବା ଯୋଗୁ ରାସ୍ତାଟି ସଂକୁଚିତ ହୋଇଯାଇଛି । ପାଖାପାଖି ୪୦ ପରିବାର ଆତଯାତ ଲାଗି ହଇରାଣ ହେଉଛନ୍ତି । ତେବେ



ଉକ୍ତ ରାସ୍ତାରୁ ଜବରଦଖଲ ହଟାଇବା ଲାଗି ଗ୍ରାମବାସୀ ୨୦୧୯ ମସିହାରୁ ପ୍ରଶାସନକୁ ଗୁହାରି କରିଚାଲିଛନ୍ତି । ୨୦୧୯ରେ ତତ୍କାଳୀନ ଭଦ୍ରକ ତହସିଲଦାର ଓ ପୌରପାଳିକାର ନିର୍ବାହୀ ଅଧିକାରୀ ଉକ୍ତ ରାସ୍ତାର ଚିହ୍ନଟ ପ୍ରକ୍ରିୟା (ଡିମାର୍କେସନ) କରାଇଥିଲେ । ମାତ୍ର ରାସ୍ତା ଅବରୋଧ ହୋଇଥିବା ନେଇ ସ୍ପଷ୍ଟ ହେବା ପରେ ବି ଜବରଦଖଲ ହଟିଲା ନାହିଁ । ପରେ ୨୦୨୨ରେ ଗ୍ରାମବାସୀମାନେ ଉଚ୍ଛେଦ ଲାଗି ପ୍ରଶାସନକୁ ଗୁହାରି କରିଥିଲେ ବି କିଛି ଲାଭ ହେଲା ନାହିଁ । ୨୦୨୩ ଅଗଷ୍ଟ ମାସରେ ଗ୍ରାମବାସୀମାନେ ପୁନଃ ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀଙ୍କ ପାଖେ ଅଭିଯୋଗ ଦାଖଲ କରିଥିଲେ । ୪ମାସ ପରେ ଅର୍ଥାତ ୨୦୨୩ ଡିସେମ୍ବର ମାସରେ ପୁଣିଥରେ ରାସ୍ତା ଚିହ୍ନଟ(ଡିମାରକେସନ) କରାଗଲା । କେଉଁ ସ୍ଥାନରୁ ଅବରୋଧ ହଟିବ ତାହା ସ୍ଥିର ହୋଇଥିଲେ ବି ଆଜି ଯାଏ ତାହା କାର୍ଯ୍ୟକାରୀ ହେଉନାହିଁ । ପରେ ଗ୍ରାମବାସୀ ମାନେ ପୁଣି ଥରେ ଭଦ୍ରକ ଉପ-ଜିଲ୍ଲାପାଳଙ୍କ ଠାରେ ଦରଖାସ୍ତ କରି ସମସ୍ୟାର ସମାଧାନ ପାଇଁ ଗୁହାରି କରିଥିଲେ । ଏପରିକି ସମସ୍ୟା ସମାଧାନ ନହେଲେ ଅନଶନ ଲାଗି ଚେତବାନି ଦେଇଥିଲେ । ଉପ-ଜିଲ୍ଲାପାଳ ଏ ସମ୍ପର୍କରେ ମ୍ୟୁନିସପାଲଟି ପ୍ରଶାସନକୁ ସହରାଂଚଳ ପୁଲିସ ସହ ଯୋଗାଯୋଗ କରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାକୁ ସୁପାରିଶ କରିଥିଲେ ହେଁ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇନାହିଁ । ଅପରପକ୍ଷେ ଗ୍ରାମବାସୀଙ୍କ ପକ୍ଷରୁ ଚଳିତ ମାସ ପ୍ରଥମ ସପ୍ତାହରେ ପ୍ରଶାସନକୁ ପୁନଃ ଲିଖିତ ଭାବେ ଗୁହାରି କରାଯାଇଛି । ମୁସ୍ତାକ ଖାନ, ସେକ ନିଜାମୁଦ୍ଦିନ, ସେକ ନିଜାମୁଦ୍ଦିନ ଓ ଅନ୍ୟ ଗ୍ରାମବାସୀମାନେ ଜବରଦଖଲ ହଟାଇ ସମସ୍ୟାର ସମାଧାନ କରିବାକୁ ପୁନଃ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ, ସରକାରୀ ଜମିକୁ ଅବରୋଧ ମୁକ୍ତ କରିବା ଲାଗି ରାଜ୍ୟ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଅମରନଗରବାସୀଙ୍କ ଏହି ସମସ୍ୟା କେବେ ଦୂର ହେବ ତାହା ସମୟ କହିବ ।

# ବାରମ୍ବାର ବିଦ୍ୟୁତ୍ କାଟ୍‌ର ପରିଣତି

## ଅତିଷ୍ଠ ଲୋକେ ବିଦ୍ୟୁତ ଉପକେନ୍ଦ୍ରରେ ପକାଇଲେ ତାଲା



ଭଦ୍ରକ, ୨୩।୭(ଶ୍ରୁ.ମି.) : ବାରମ୍ବାର ପାୱାର କଟ୍ ରେ ଅତିଷ୍ଠ ହୋଇ ଗ୍ରାହକ ମାନେ ଇଲେକ୍ଟ୍ରିକ ଅଫିସ୍ (ବିଦ୍ୟୁତ ଉପକେନ୍ଦ୍ର)ରେ ପକାଇଲେ ତାଲା । ଏଭଳି ଘଟଣା ଘଟିଛି ଭଦ୍ରକ ସ୍ଥିତ ବିଜେ ଗଙ୍ଗାଧର ପୁର ବିଦ୍ୟୁତ ଉପକେନ୍ଦ୍ର ଠାରେ । ଗ୍ରାହକଙ୍କ ଅଭିଯୋଗ ଅନୁଯାୟୀ ଟାଟା କମ୍ପାନୀ ଇଲେକ୍ଟ୍ରିକ୍ ବିଭାଗକୁ ନେବା ଠାରୁ ବିଲ୍ ଦୁଇରୁ ତିନି ଗୁଣା ବଢ଼ି ଯାଇଛି । ସେହିପରି ପାୱାର କଟ୍ ମଧ୍ୟ ପୂର୍ବ ଠାରୁ ୧୦ ଗୁଣା ବଢ଼ି ଯାଇଛି । କଳା ମେଘ ଦେଖି କଟୁଛି କରେଣ୍ଟ । ପାୱାର କଟ୍ ହେଲେ ବିଭାଗୀୟ କର୍ତ୍ତୃପକ୍ଷ ତାହାର ସଠିକ୍ ବିବରଣୀ ଦେଉନାହାନ୍ତି । ଅନେକ ସମୟରେ କଲ୍ ମଧ୍ୟ ଉଠାଉ ନାହାନ୍ତି । ବେଳେ ବେଳେ ଲାଇନ୍ ମ୍ୟାନ କଲ୍ ଉଠାଇ ଗୋଟିଏ ସ୍ଥାନରେ ହୋଇଥିଲେ ଅନ୍ୟ ଏକ ସ୍ଥାନର ନାମ କହୁଛନ୍ତି ବୋଲି ଗ୍ରାହକ ମାନେ ଅଭିଯୋଗ କରିଛନ୍ତି । ଯଦି ଏହାର ସମାଧାନ ଯଥା ଶୀଘ୍ର କରା ନ ଯାଏ ତେବେ ଆଗମୀ ଦିନରେ ତାଲା ବନ୍ଦ ସହ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଅଂଚଳବାସୀ । ଅପର ପକ୍ଷରେ ବିଭାଗୀୟ ଅଧିକାରୀ ଏହାର ତୁରନ୍ତ ସମାଧାନ କରାଯିବ ବୋଲି ଗ୍ରାହକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଏହି ପାୱାର କଟ୍ ରୁ ସାଧାରଣ ଲୋକେ ତ୍ରାହି ପାଉଛନ୍ତି କି ନାହିଁ ଏହା ଦେଖିବାକୁ ବାକି ରହିଲା ।

## କାର୍ଯ୍ୟାଳୟ ଆଖୁଆପଦାରେ, ଯନ୍ତ୍ରୀ ଭଦ୍ରକରେ

# ନୂଆ ସରକାର ଦୃଷ୍ଟି ଦେବେ କି !

ଭଦ୍ରକ, ୨୩।୭(ଶ୍ରୁ.ମି.) : ଜଳ ନିଷ୍କାସନ ବିଭାଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଖୁଆପଦାରେ । କିନ୍ତୁ କାର୍ଯ୍ୟରତ ଯନ୍ତ୍ରୀ ଦୀର୍ଘବର୍ଷ ହେବ ଏଠାରେ ନରହି ଭଦ୍ରକରେ ଅବସ୍ଥାନ କରିବା ସମସ୍ତଙ୍କୁ ଚକିତ କରିଛି । ଏଣୁ ଏଥିପ୍ରତି ନୂଆ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ୍ ଅଧୀନସ୍ଥ ଜଗନ୍ନାଥ ପ୍ରସାଦ ଠାରେ ଆଖୁଆପଦା ବୈତରଣୀ ଆନିକଟ ରହିଛି । ତେଣୁ ଜଳ ନିଷ୍କାସନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଟି ଏଠାରେ ରହିଥିଲେ ମଧ୍ୟ ଦୀର୍ଘବର୍ଷ ହେବ କାର୍ଯ୍ୟକାରୀ ହେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତେବେ କାର୍ଯ୍ୟାଳୟ ଗୃହ କେବଳ ଜଣେ ଜଗୁଆଳିଙ୍କ ତତ୍ତ୍ୱାବଧାନରେ ରହିଥିବାବେଳେ ଯନ୍ତ୍ରୀଙ୍କ ପାଦ ଏଠାରେ ପଡୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଆଖୁଆପଦା ନାମରେ ଏହି କାର୍ଯ୍ୟାଳୟ ଚାଲୁଥିଲେ ସୁଦ୍ଧା ପ୍ରାୟ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ କୌଣସି ଯନ୍ତ୍ରୀ ଏଠାକୁ ଆସି କାର୍ଯ୍ୟ କରୁନଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ନୂତନ କାର୍ଯ୍ୟାଳୟଟି ପ୍ରତିଷ୍ଠା ହେବା ଦିନଠାରୁ ନିଯୁକ୍ତି ପାଇଥିବା ଯନ୍ତ୍ରୀମାନେ ଭଦ୍ରକରେ ରହି କାର୍ଯ୍ୟ କରୁଛନ୍ତି । ପର୍ଯ୍ୟାୟକ୍ରମେ ଯେଉଁ ଯନ୍ତ୍ରୀମାନେ ନିଯୁକ୍ତି ପାଉଛନ୍ତି, ସେମାନେ ଔପଚାରିକ ଦୃଷ୍ଟିରୁ କାଗଜପତ୍ରରେ ଆଖୁଆପଦା ନାମରେ ମୋହର ମାରୁଥିବାବେଳେ ପ୍ରକୃତ କାର୍ଯ୍ୟାଳୟ କେଉଁଠି, ତାହାର ତନଖି ପାଇଁ ଆସୁଥିବା କେହି ଜାଣିପାରୁନାହାଁନ୍ତି । ବିଶ୍ୱବ୍ୟାଙ୍କ ଆର୍ଥିକ ସହାୟତାରେ ଆନିକଟ ନବୀକରଣ କାର୍ଯ୍ୟ ପାଇଁ ନିର୍ମାଣ କରାଯାଇଥିବା ଗୃହରେ ଏହି କାର୍ଯ୍ୟାଳୟ ଖୋଲାଯାଇଥିବାବେଳେ କର୍ମଚାରୀଙ୍କ ପାଇଁ ଆବାସ ମଧ୍ୟ ରହିଛି । ୨୦୦୦ ମସିହାରେ ଏଠାରେ ଜଳ ନିଷ୍କାସନ ବିଭାଗର କାର୍ଯ୍ୟାଳୟ ଖୋଲାଯାଇଥିବାବେଳେ ବର୍ଷେ ଦୁଇବର୍ଷ ଯନ୍ତ୍ରୀ ଓ କର୍ମଚାରୀମାନେ ଅବସ୍ଥାନ କରି ସମସ୍ତ କାର୍ଯ୍ୟ ଠିକ୍‌ଠାକ୍ କରୁଥିଲେ । କିନ୍ତୁ ହଠାତ୍ ୨୦୦୩-୦୪ ମସିହା ଠାରୁ ଏହି କାର୍ଯ୍ୟାଳୟଟିକୁ କୌଣସି ଯନ୍ତ୍ରୀ କିମ୍ବା କର୍ମଚାରୀମାନେ ଆଉ ଆସିଲେ ନାହିଁ । ଫଳରେ କାର୍ଯ୍ୟାଳୟ ସମେତ କର୍ମଚାରୀମାନଙ୍କ ଗୃହରେ ଚାବି ପଡିଯାଇଥିବାବେଳେ ଆସବାବ ପତ୍ର ମଧ୍ୟ ଭଦ୍ରକକୁ ରାତାରାତି ସ୍ଥାନାନ୍ତର ହୋଇଗଲା । ତେବେ ଏହି କାର୍ଯ୍ୟାଳୟ ଗୃହ ଗୁଡିକ ପ୍ରାୟ ଭଗ୍ନ ଅବସ୍ଥାରେ ଆସି ଭୂତକୋଠିରେ ପରିଣତ ହେଲାଣି । ଏହି କାର୍ଯ୍ୟାଳୟ ଅଧୀନରେ ଭଣ୍ଡାରିପୋଖରୀ, ବନ୍ତ, ଧାମନଗର ଅଂଚଳର ଜଳ ନିଷ୍କାସନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ଏହି ୩ ଗୋଟି ବ୍ଲକ୍‌ରେ ଜଳ ନିଷ୍କାସନ ବିଭାଗର କାର୍ଯ୍ୟ ସୁପରିଚାଳନା ପାଇଁ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଖୁଆପଦା ଠାରେ ସ୍ଥାପନ ହୋଇଥିଲା । ଜଣେ ସହକାରୀ ଯନ୍ତ୍ରୀଙ୍କ ସହିତ ୩ ଜଣ କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ଏଠାରେ ରହିଛି । ତେବେ ସମସ୍ତ ପଦବୀରେ ଯନ୍ତ୍ରୀମାନେ ମଧ୍ୟ



କାର୍ଯ୍ୟରତ ଅଛନ୍ତି । ବିଶେଷକରି ବର୍ଷାଦିନେ ଏହି ଅଂଚଳରେ ଉତ୍କଟ ଜଳନିଷ୍କାସନ ସମସ୍ୟା ଦେଖାଯାଉଥିବାବେଳେ ଏହାକୁ ଦୃଷ୍ଟି ଦେବାକୁ କାର୍ଯ୍ୟାଳୟରେ ଯନ୍ତ୍ରୀ ନାହାଁନ୍ତି । ସାଧାରଣ ଲୋକଟିଏ ଅଭିଯୋଗ କରିବାକୁ ଆସି ନିରାଶ ହୋଇ ଫେରୁଛି । ଏତଦ୍‌ବ୍ୟତୀତ ଏହି ଯନ୍ତ୍ରୀବିହୀନ କାର୍ଯ୍ୟାଳୟ ଅଧୀନରେ ରହିଥିବା ଜଳ ନିଷ୍କାସନ ବ୍ୟବସ୍ଥାର ମଧ୍ୟ ନବୀକରଣ କାର୍ଯ୍ୟ ବର୍ଷ ବର୍ଷ ଧରି ହୋଇପାରୁନାହିଁ । ତେଣୁ ନୂତନ ସରକାର ଏହା ଉପରେ ଦୃଷ୍ଟି ଦେଇ ପୂର୍ବଭଳି ଏଠାରେ ଥିବା କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ଜିଲା ସଡକ ସୁରକ୍ଷା କମିଟି ବୈଠକ

## ରାସ୍ତା ଦୁର୍ଘଟଣାରେ ଆହତ ମାନଙ୍କୁ ଉଦ୍ଧାର କରି ଜୀବନ ବଞ୍ଚାଇ ଥିବା ଗୁଡ୍ ସମରିଟାନଙ୍କୁ ୨ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ



ଢେଙ୍କାନାଳ, ୨୩।୭(ଶ୍ରୁ.ମି.) : ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହଠାରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ (ସାଧାରଣ)ଙ୍କ ଅଧ୍ୟକ୍ଷତାରେ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତ ୪ ମାସ ମଧ୍ୟରେ ଜିଲାରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା କମିଥିବା ଜଣାଯାଇଛି । ରାଜପଥରେ ଥିବା ଖାଲଖମା ଗୁଡିକର ମରାମତି, ଅଧିକ ରୋଡ୍ ସାଇନେଜ୍ ଲଗାଇବାର ବ୍ୟବସ୍ଥା,ସ୍ପିଡ୍ ଲିମିଟ୍ ବୋର୍ଡ ବ୍ୟବସ୍ଥା କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଗୋବିନ୍ଦପୁର ଛକ ରାସ୍ତାକୁ ପୂର୍ଣ୍ଣାଙ୍ଗ କରି ଦୁର୍ଘଟଣା ରୋକିବା ଦିଗରେ ଏନ୍ ଏଚ୍ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ କମିଟି ସଦସ୍ୟ ପ୍ରଦ୍ୟୁମ୍ନ ରଥ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ । କଲେଜ ବାଇପାସ୍ ଠାରୁ କୋରିଆ ବାଇପାସ୍ ପର୍ଯ୍ୟନ୍ତ ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ଆଲୋକି କରଣ ବ୍ୟବସ୍ଥା ହେବ । ମଙ୍ଗୁଳି ଠାରୁ ଝାରଗାଡିଆ ପର୍ଯ୍ୟନ୍ତ ଜାତୀୟ ରାଜପଥର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ଏନ୍‌ଏଚ୍ ଯନ୍ତ୍ରୀ ପ୍ରକାଶ କରିଥିଲେ । ଦ୍ରୁତ ଗାଡି ଚାଳନା ରୋକିବା ତଥା ପିଲା ମାନଙ୍କୁ ନେବା ଆଣିବା କରୁଥିବା ଗାଡି ଗୁଡିକରେ ଫିଟ୍‌ନେସ୍ ନଥିଲେ, ଗାଡି ମାଲିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ ସମୟରେ ରାସ୍ତା ଦୁର୍ଘଟଣାରେ ଆହତ ମାନଙ୍କୁ ଉଦ୍ଧାର କରି ଜୀବନ ବଞ୍ଚାଇ ଥିବାରୁ ଗୁଡ୍ ସମରିଟାନ୍ ଭାବେ ରଞ୍ଜିତ୍ ମହାକୁଡ୍, ସୌମ୍ୟ ରଞ୍ଜାନ ସ୍ୱାଇଁ, ଆକାଶ ସିଂହ ସାମନ୍ତ, ସୁଦର୍ଶନ ଦାସ, ଦିନେଶ ଦାସ, ଶେସନ କୁମାର ସାହୁ, ଅଭିମନ୍ୟୁ ଖିଲାର, ଦୁଷ୍ମନ୍ତ ନାୟକ ଏବ ଗଣେଶ୍ୱର ସାହୁଙ୍କୁ ପୁରସ୍କାର ସ୍ୱରୁପ ୨ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୂର୍ଯ୍ୟମଣି ପ୍ରଧାନ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ରାସ୍ତା ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, ରତନ ନାୟର, ରାପିଡ୍ ରେସ୍ପନ୍ସ ଟିମର ସଂଯୋଜକ ବିରଞ୍ଚି ନାରାୟଣ ପାଣିଙ୍କ ସମେତ ବସ ମାଲିକ ସଂଘର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ମାନେ ଆଲୋଚନା କରି ମତାମତ ପ୍ରଦାନ କରିଥିଲେ ।